# ଚଳିତ ରବି ଋତୁ ପାଇଁ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ।

ଚଳିତ ରବି ଋତୁ ପାଇଁ ବିଭିନ୍ନ ଫସଲର ଖସଡା ପ୍ରସ୍ତୁତ କରିବା ନିମନ୍ତେ ୨୦୨୧-୨୨ କୃଷି ନୀତି ନିର୍ଦ୍ଧାରଣ କମିଟୀ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହା ସହିତ ଜିଲ୍ଲା ସ୍ତରୀୟ କ୍ଷୁଦ୍ର ଶସ୍ୟ ସଂଗ୍ରହ କମିଟୀ ଖରିଫ ୨୦୨୧ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ସ୍ୱାଇଁ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଦେବରାଜ ମହାନ୍ତି ଅନୁଗୋଳ ଜିଲ୍ଲାରେ କୃଷି ବିଭାଗର ଚଳିତ ରବି ଋତୁ ପାଇଁ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ବିଭିନ୍ନ କୃଷିଭିତ୍ତିକ ସରକାରୀ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ପୁରଣ କରିପାରିଲେ ଲୋକମାନେ ତାର ସୁଫଳ ପାଇପାରିବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ବିଭିନ୍ନ କୃଷି ଭିତ୍ତିକ ଯୋଜନାରେ ଥିବା ରିହାତି ସୁବିଧା ସମ୍ପର୍କରେ ଗ୍ରାମାଂଚଳର ଲୋକମାନଂକୁ ଅବଗତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସୌର ଜଳନିଧି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଭାବେ କରିବା ନିମନ୍ତେ ବ୍ୟାପକ ଜନସଚେତନତା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଗତ ଖରିଫ ଋତୁରେ ଜୁଲାଇ ଓ ଅଗଷ୍ଟ ମାସରେ ନିଅଣ୍ଟିଆ ବର୍ଷା ଯୋଗୁଁ ଯୋଜନା କରାଯାଇଥିବା ୮୬୦୪୫ ହେକ୍ଟର ଧାନ ଜମି ମଧ୍ୟରୁ ୭୨୧୯୩ ହେକ୍ଟର ଜମିରେ ଧାନ ଚାଷ କରାଯାଇଥିଲା । ଖରିଫ ଋତୁରେ ଓଡିଶା କ୍ଷୁଦ୍ର ଶସ୍ୟ ମିଶନ ( Odisha Millet Mission) ଜିଲ୍ଲାରେ ପ୍ରଥମ କରି ଜିଲ୍ଲା ଖଣିଜ ପାଣ୍ଠିରେ ୫ଟି ବ୍ଲକରେ ଆରମ୍ଭ କରାଯାଇଥିଲା । ଚଳିତ ରବି ଋତୁ ପାଇଁ ସମୁଦାୟ ଜିଲ୍ଲାରେ ୯୬୫୨୬ ହେକ୍ଟର ପରିମିତ ଜମିରେ ଧାନ ଓ ଅଣଧାନ ଚାଷ କରିବା ପାଇଁ ଖସଡା ପ୍ରସ୍ତୁତ କରାଯାଇଅଛି । ସେହିପରି ୩୯୮୦୭ ହେକ୍ଟର ଜମିରେ ଜଳସେଚନ ଦ୍ୱାରା ବିଭିନ୍ନ ଫସଲ ଚାଷ କରିବା ପାଇଁ ଯୋଜନା କରାଯାଇଅଛି । ଜିଲ୍ଲାରେ

ଚାଷୀମାନଙ୍କୁ ୩୦୨୧ କ୍ୱିଣ୍ଟାଲ ବିଭିନ୍ନ କିସମର ଉନ୍ନତ ଧରଣର ବିହନ ଯୋଗାଇଦେବାର ବ୍ୟବସ୍ଥା କରାଯାଇଅଛି । ଏହି ବୈଠକରେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ( ଧାନ,ତୈଳବୀଜ ଓ ଡାଲି ଜାତୀୟ) ,ଓଡିଶା କ୍ଷୁଦ୍ର ଶସ୍ୟ ମିଶନ,ସୌର ଜଳ ନିଧି, ସିଡ୍ ମିନି କିଟ୍ ପ୍ରୋଗ୍ରାମ, ବଳରାମ ଯୋଜନା, କୃଷି ଯାନ୍ତ୍ରିକକରଣ ଯୋଜନା ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଉପରେ ଆଲୋଚନା ହୋଇଥିଲା । ଉପ-ଉଦ୍ୟାନ ନିର୍ଦ୍ଦେଶକ ଶ୍ରୀ ପଦ୍ମ ଲୋଚନ ଦାସ ଓ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏହି ବୈଠକରେ ନିଜ ବିଭାଗୀୟ ଯୋଜନା ଉପରେ ଆଲୋକପାତ କରିଥିଲେ । ଅ ତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରବି ଋତୁ ପାଇଁ କୃଷି ବିଭାଗ ଯୋଜନାର ଉତ୍ତମ କାର୍ଯ୍ୟ ପରିଚାଳନା ଉପରେ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ସମସ୍ତ ବିଭାଗର ମିଳିତ ସହଯୋଗରେ ପ୍ରତ୍ୟେକ ଯୋଜନାର ସଫଳତା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କ୍ଷୁଦ୍ର ଶସ୍ୟ କମିଟୀର ବୈଠକରେ ଟି ଡି ସି ସି ଓ ଏଲ୍ ସମ୍ବଲପୁର ଶାଖାର ପରାଚାଳକ କ୍ଷୁଦ୍ର ଶସ୍ୟ ସଂଗ୍ରହ କରିବାର ସମସ୍ତ ଦିଗ ଉପରେ ଆଲୋକପାତ କରିଥିଲେ । ଏଥିରେ ୧୦ଟି ପ୍ରାଥମିକ କୃଷି ସମବାୟ ସମିତି ଓ ୨୦ଟି ସଂଗହ କେନ୍ଦ୍ର ମାଧ୍ୟମରେ ସମୁଦାୟ ୧୧୧୮ କ୍ୱିଣ୍ଟାଲ କ୍ଷୁଦ୍ର ଶସ୍ୟ (ରାଗି) ସଂଗ୍ରହ କରିବାର ଯୋଜନା କରାଗଲା । ଏହି ଯୋଜନାର ସଫଳତା ପାଇଁ ଜିଲ୍ଲାପାଳ ଅନୁଗୋଳର ସମସ୍ତ ଅଧିକାରୀ ଓ ସ୍ୱେଚ୍ଛାସେବୀ ସହଯୋଗୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବିଭାଗୀୟ ଅଧିକାରୀ, ବ୍ୟାଂକ କର୍ତ୍ତୃପକ୍ଷ ,ସ୍ୱେଚ୍ଛାସେବୀ ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।


District Level Ragi Procurement
Committee Meeting
(Kharif Marketing Season 2021-22)
Under Extension of Odisha Millets Mission
to 5 blocks under DMF, Angul
Supported by : DMF, Angul
Date : 9th November 2021
Venue : Court Room - Collectorate, A
ANGUL